# NATIONAL NEWS BULLETIN (ODIA)
## 6 April - 2024
## Morning Bulletin : 7.15 A.M.

********************************

## ମୁଖ୍ୟ ସମ୍ବାଦ

- ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜସ୍ଥାନ ଓ ଉତ୍ତରପ୍ରଦେଶରେ ନିର୍ବାଚନ ର୍ୟାଲିରେ ଯୋଗଦେବେ ।
- ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର  ନିର୍ବାଚନରେ ଅଧିକ ସଂଖ୍ୟାରେ ଭୋଟରମାନଙ୍କୁ ସାମିଲ କରିବା ପାଇଁ  ଗୁରୁତ୍ୱାରୋପ କରିଛନ୍ତି ।
- ଜାତିସଂଘ ମାନବାଧିକାର ପରିଷଦ ଗାଜାରେ ତୁରନ୍ତ ଅସ୍ତ୍ରବିରତି ଏବଂ ଇସ୍ରାଏଲ୍ ଉପରେ ଅସ୍ତ୍ରଶସ୍ତ୍ର ପ୍ରତିବନ୍ଧକ ଲଗାଇବା ପାଇଁ ଏକ ପ୍ରସ୍ତାବ ଗୃହୀତ କରିଛି ।
- ଓ୍ୱାଶିଂଟନ୍, ଫିଲାଡେଲ୍‌ଫିଆ ଓ ନିଉୟର୍କ ସହରର କେତେକ ସ୍ଥାନରେ ୪ ଦଶମିକ ୮ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ଅନୁଭୂତ ହୋଇଛି ।

ଏବଂ

- ଆଇପିଏଲ୍‌ରେ ଆଜି ରାଜସ୍ଥାନ ରୟାଲ୍‌ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ  ମ୍ୟାଚ୍ ଅନୁଷ୍ଠିତ ହେବ ।

# ପିଏମ୍ ର୍ୟାଲି

ଦେଶରେ ଲୋକସଭା ନିର୍ବାଚନ ପାଇଁ ପ୍ରଚାର ଜୋରସୋରରେ ଚାଲିଛି । ଆଜି ଉତ୍ତରପ୍ରଦେଶର ଶହରଣପୁରରେ ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ର୍ୟାଲିରେ ଉଦ୍‌ବୋଧନ ଦେବେ । ଅପରାହ୍ନରେ ଶ୍ରୀ ମୋଦୀ ରାଜସ୍ଥାନର ଆଜମେରରେ ଏକ ର୍ୟାଲିରେ ଓ  ସନ୍ଧ୍ୟାରେ ସେ ଗାଜିଆବାଦରେ ଏକ ରୋଡ୍‌ଶୋରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

# ୟୁଏନ୍-ପାଲେଷ୍ଟାଇନ୍

ଜାତିସଂଘ ମାନବାଧିକାର ପରିଷଦ ଗାଜାରେ ତୁରନ୍ତ ଅସ୍ତ୍ରବିରତି ଏବଂ ଇସ୍ରାଏଲ୍ ଉପରେ ଅସ୍ତ୍ରଶସ୍ତ୍ର ପ୍ରତିବନ୍ଧକ ଲଗାଇବା ପାଇଁ ଏକ ପ୍ରସ୍ତାବ ଗୃହୀତ କରିଛି । ଏହି ପ୍ରସ୍ତାବରେ ଗାଜା ଉପତ୍ୟକାରେ ସମ୍ଭାବ୍ୟ ଯୁଦ୍ଧ ଅପରାଧ ଏବଂ ମାନବିକତା ବିରୋଧୀ ଅପରାଧ ପାଇଁ ଇସ୍ରାଏଲ୍‌କୁ ଉତ୍ତରଦାୟୀ କରିବାକୁ ମଧ୍ୟ ଆହ୍ୱାନ ଦିଆଯାଇଛି । ଶେଷରେ ଆମେରିକାର ଚାପକୁ ଇସ୍ରାଏଲ୍ ଗ୍ରହଣ କରି ଗାଜାରେ ନୂତନ ଫୁଡ୍ କରିଡର ଖୋଲିଛି । ଜାତିସଂଘର ଏହି ପ୍ରସ୍ତାବ ସପକ୍ଷରେ ୨୮ଟି ଦେଶ ଭୋଟ୍ ଦେଇଥିବା ବେଳେ ଭାରତ ସମେତ ୧୩ଟି ଏବଂ ଆମେରିକା ଓ ଜର୍ମାନୀ ସମେତ ୬ଟି ଦେଶ ଏହି ପ୍ରସ୍ତାବ ବିରୋଧରେ ଭୋଟ ଦେଇଥିଲେ । ଅଧିକୃତ ପାଲେଷ୍ଟାଇନ୍ ଅଞ୍ଚଳରେ ସମ୍ଭାବ୍ୟ ଯୁଦ୍ଧ ଅପରାଧ

ଏବଂ ମାନବିକତା ବିରୋଧୀ କାର୍ଯ୍ୟକଳାପ ସମେତ ଗୁରୁତର ମାନବାଧିକାର ଉଲ୍ଲଂଘନ ଓ ଆନ୍ତର୍ଜାତିକ ମାନବିକ ଆଇନର ଗୁରୁତର ଉଲ୍ଲଂଘନ ରିପୋର୍ଟ ଉପରେ ଏହି ପ୍ରସ୍ତାବରେ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି । ପାଲେଷ୍ଟାଇନ୍‌ବାସୀଙ୍କ ଆତ୍ମନିର୍ଣ୍ଣୟ ଅଧିକାର ଭଳି ଜାତିସଂଘର ଅନ୍ୟାନ୍ୟ ପ୍ରସ୍ତାବ ସପକ୍ଷରେ ଭାରତ ଭୋଟ୍ ଦେଇଥିଲା, ଯାହା ୪୨ଟି ଭୋଟ୍‌ରେ ଗୃହୀତ ହୋଇଥିଲା ।

## ମଣିପୁର ଇଲେକ୍ସନ

ମଣିପୁରରେ ଆସନ୍ତା ଲୋକସଭା ନିର୍ବାଚନକୁ ସ୍ୱଚ୍ଛ ଓ ନିରପେକ୍ଷ କରାଇବା ସକାଶେ ନିର୍ବାଚନ କମିଶନ ପଦକ୍ଷେପ ନେଇଛନ୍ତି । ଭୋଟରମାନଙ୍କ ସର୍ବାଧିକ ଅଂଶଗ୍ରହଣ ଉପରେ ଆୟୋଗ ଗୁରୁତ୍ୱ ଦେଇଛନ୍ତି । ଗତବର୍ଷ ମେ ମାସରେ ସେଠାରେ ହୋଇଥିବା ଜାତିଗତ ହିଂସା ଯୋଗୁଁ ବିଭିନ୍ନ ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଥିବା ବିସ୍ଥାପିତ ବ୍ୟକ୍ତିଙ୍କ ମତଦାନ ପାଇଁ ରାଜ୍ୟରେ ୯୪ଟି ସ୍ୱତନ୍ତ୍ର ମତଦାନ କେନ୍ଦ୍ର ସ୍ଥାପନ କରିବାକୁ ଆୟୋଗ ନିଷ୍ପତ୍ତି ନେଇଛନ୍ତି । ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ୨ଟି ପାହାଡ଼ିଆ ଜିଲ୍ଲା ଚୁରାଚାନ୍ଦପୁର ଓ କଙ୍ଗପୋକ୍‌ପି ସମେତ ୭ଟି ଜିଲ୍ଲାରେ ୮୫ଟି ସ୍ୱତନ୍ତ୍ର ମତଦାନ କେନ୍ଦ୍ର ସ୍ଥାପନ କରିବାକୁ ଆୟୋଗ ନିଷ୍ପତ୍ତି ନେଇଛନ୍ତି । ଆଭ୍ୟନ୍ତରୀଣ ବିସ୍ଥାପିତ ବ୍ୟକ୍ତିମାନେ ଗୋଟିଏ ଉପତ୍ୟକା ଜିଲ୍ଲା ଜିରିବାମ୍ ସମେତ ୩ଟି ଜିଲ୍ଲାରେ ୯ଟି ସ୍ୱତନ୍ତ୍ର ମତଦାନ କେନ୍ଦ୍ରରେ ଭୋଟ୍ ଦେବେ । ନିର୍ବାଚନ ଦିନ ରିଲିଫ୍ କ୍ୟାମ୍ପର ଅନ୍ତେବାସୀମାନେ ବିନା ଅସୁବିଧାରେ

ଭୋଟ ଦେବା ପାଇଁ ନିର୍ବାଚନ ଅଧିକାରୀମାନେ କ୍ୟାମ୍ପରେ ୧୭ ହଜାର ୪୦୦ରୁ ଅଧିକ ପରିଚୟପତ୍ର ବଣ୍ଟନ କରିସାରିଛନ୍ତି । ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୯ ହଜାର ୯୦୦ ଫର୍ମ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରାଯାଇଛି ।

# ଭିପି-ରାଜସ୍ଥାନ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଉତ୍ତରାଖଣ୍ଡର ମସୌରୀର ଲାଲବାହାଦୂର ଶାସ୍ତ୍ରୀ ପ୍ରଶାସନିକ ଜାତୀୟ ଏକାଡେମୀରେ ଆଇଏଏସ୍ ଅଧିକାରୀ ପ୍ରଶିକ୍ଷାର୍ଥୀମାନଙ୍କ ବିଦାୟକାଳୀନ ସମାରୋହରେ ଉଦ୍‌ବୋଧନ ଦେଇଥିଲେ । ଗତକାଲି ଆଇଏଏସ୍ ଅଧିକାରୀ ପ୍ରଶିକ୍ଷାର୍ଥୀମାନଙ୍କୁ ଉଦ୍‌ବୋଧନ ଦେଇ ସେ କହିଛନ୍ତି ଲୋକସେବାରେ ଉତ୍କର୍ଷ, ପ୍ରତିବଦ୍ଧତା ଓ ନ୍ୟାୟସଂଗତ ମନୋଭାବ ପୋଷଣ କରିବା ଅତ୍ୟନ୍ତ ଜରୁରୀ । ଏହି ଅବସରରେ ସେ ନାଗରିକ ସଂଶୋଧନ ଆଇନ ସଂପର୍କରେ କହିଥିଲେ ଯେ ଏହି ଆଇନ କୌଣସି ନାଗରିକକୁ ତା'ର ନାଗରିକତାରୁ ବଂଚିତ କରିବ ନାହିଁ । ଏହା ଆମ ପଡ଼ୋଶୀଦେଶର ଧାର୍ମିକ ସଂଖ୍ୟାଲଘୁମାନଙ୍କୁ ସହାୟତା ପ୍ରଦାନ କରିବ । ଏହି ଆଇନ ଫଳରେ ପଡ଼ୋଶୀ ଦେଶଗୁଡ଼ିକରୁ ବହୁସଂଖ୍ୟାରେ ଲୋକେ ଭାରତ ପଳେଇ ଆସିବେ ବୋଲି ଯେଉଁ ଆଶଙ୍କା ସୃଷ୍ଟି ହୋଇଛି, ତାହାକୁ ସେ ଭ୍ରମାତ୍ମକ ବୋଲି  କହିଛନ୍ତି ।

# କଂଗ୍ରେସ ମିଟିଂ

କଂଗ୍ରେସ ଦଳର କେନ୍ଦ୍ରୀୟ ନିର୍ବାଚନ କମିଟିର ଏକ ବୈଠକ ଗତକାଲି ସନ୍ଧ୍ୟାରେ ନୂଆଦିଲ୍ଲୀସ୍ଥିତ ଦଳୀୟ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, କଂଗ୍ରେସ ସଂସଦୀୟ ଦଳର ଅଧ୍ୟକ୍ଷ ସୋନିଆ ଗାନ୍ଧୀ, ସାଧାରଣ ସଚିବ କେ.ସି. ବେଣୁଗୋପାଳ ଉପସ୍ଥିତ ଥିଲେ । ଏହି ବୈଠକରେ ହରିଆଣାର ବରିଷ୍ଠ ନେତାମାନେ ମଧ୍ୟ ଉପସ୍ଥିତ ଥିଲେ ।

# ଇସିଆଇ-ମିଟିଂ

ମୁଖ୍ୟ ନିର୍ବାଚନ କମିଶନର୍ ରାଜୀବ କୁମାର ନିର୍ବାଚନରେ ଅଧିକ ସଂଖ୍ୟାରେ ଭୋଟରମାନଙ୍କୁ ସାମିଲ କରିବା ପାଇଁ ବୁଥ୍‌ୱାରୀ ରଣନୀତ ପ୍ରସ୍ତୁତ କରିବାକୁ ପୌରାଞ୍ଚଳ କମିଶନର ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେ ମଧ୍ୟ ସେମାନଙ୍କୁ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ପାଇଁ ପୃଥକ ପୃଥକ ରଣନୀତି ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଆଜି ନୂଆଦିଲ୍ଲୀରେ ପୌରାଞ୍ଚଳ କମିଶନର୍ ଓ ଜିଲ୍ଲା ନିର୍ବାଚନ ଅଧିକାରୀମାନଙ୍କର ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ ନିର୍ବାଚନ କମିଶନର୍ ଏହା କହିଛନ୍ତି ।  ଆଗାମୀ ୨୦୨୪ ନିର୍ବାଚନରେ ଅଧିକ

ସଂଖ୍ୟକ ଭୋଟରମାନଙ୍କୁ ସାମିଲ କରାଯିବାର ଲକ୍ଷ୍ୟ ନେଇ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।

ମୁଖ୍ୟ ନିର୍ବାଚନ ଅଧିକାରୀ ସେମାନଙ୍କୁ ଗଣତନ୍ତ୍ରର ଏହି ମହାପର୍ବରେ ଭୋଟରମାନେ କିଭଳି ଗର୍ବର ସହ ଅଂଶଗ୍ରହଣ କରିପାରିବେ ସେହି ହିସାବରେ କାର୍ଯ୍ୟ କରିବା ପାଇଁ ଅନୁରୋଧ କରିଛନ୍ତି । ସେ ମଧ୍ୟ ଭୋଟରମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି ହେବା ସହ ସେମାନେ ସ୍ୱତପ୍ରବୃତ ଭାବେ ଆଗେଇ ଆସି ଭୋଟ ଦେବାର ପ୍ରକ୍ରିୟାକୁ ଏକ ଗଣଆନ୍ଦୋଳନରେ ପରିଣତ କରିବାର ଆହ୍ୱାନ ଦେଇଛନ୍ତି । ଶ୍ରୀ କୁମାର କହିଛନ୍ତି, ଦେଶରେ ୨୧୫ଟି ଗ୍ରାମାଞ୍ଚଳ ଓ ୫୧ଟି ସହରାଞ୍ଚଳ ଲୋକସଭା ନିର୍ବାଚନ ମଣ୍ଡଳୀ ଚିହ୍ନଟ କରାଯାଇଛି, ଯେଉଁଠାରେ ଅତି କମ୍ ସଂଖ୍ୟକ ଭୋଟର ଭୋଟ ଦେଇଥାନ୍ତି । ସେଠାରେ ଭୋଟରମାନଙ୍କର ଅଂଶଗ୍ରହଣକୁ ବୃଦ୍ଧି କରାଯିବା ପାଇଁ କାର୍ଯ୍ୟ କରାଯିବ । ଏଥିପାଇଁ ସେ ତିନିସୂତ୍ରୀ ରଣନୀତି ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେଗୁଡ଼ିକ ହେଉଛି, ପୁଲିଂ ଷ୍ଟେସନ୍ ଗୁଡ଼ିକରେ ଧାଡ଼ିରେ ଭୋଟ୍ ଦେବା, ଦୂରଦୂରାନ୍ତ ଅଞ୍ଚଳରୁ ଭୋଟରମାନଙ୍କୁ ଯୋଗାଯୋଗ କରିବା, ସ୍ଥାନୀୟ ପ୍ରତୀକ ଏବଂ ଯୁବ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ମାଧ୍ୟମରେ ଭୋଟରମାନଙ୍କୁ ଭୋଟ ଦେବା ପାଇଁ ପ୍ରବର୍ତ୍ତାଇବା ରହିଛି । ଏହି ସମ୍ମିଳନୀରେ ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, ବାଙ୍ଗାଲୁରୁ, ହାଇଦ୍ରାବାଦ୍, ଅହମ୍ମଦାବାଦ, ପୁନେ, ଥାନେ, ପାଟନାସାହିବ, ଲକ୍ଷ୍ନୌ ଏବଂ କାନପୁର ମହାନଗର ନିଗମ କମିଶନର ଏବଂ ବିହାର ଓ ଉତ୍ତରପ୍ରଦେଶର କିଛି ଜିଲ୍ଲାର ନିର୍ବାଚନ ଅଧିକାରୀ,

ବିହାର, ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଏବଂ ଦିଲ୍ଲୀର ମୁଖ୍ୟ ନିର୍ବାଚନ ଅଧିକାରୀମାନେ ଯୋଗଦେବା ସହ କର୍ଣ୍ଣାଟକ, ଗୁଜରାଟ, ମଧ୍ୟପ୍ରଦେଶ, ରାଜସ୍ଥାନ, ତାମିଲନାଡୁ, ତେଲଙ୍ଗାନା ଏବଂ ପଞ୍ଜାବର ମୁଖ୍ୟ ନିର୍ବାଚନ ଅଧିକାରୀମାନେ ଆଭାସି ମାଧ୍ୟମରେ ଏହି ସମ୍ମିଳନୀରେ ଯୋଗଦେଇଥିଲେ ।

## ସନ୍ତ୍ରାସବାଦୀ

ବିଏସଏଫ୍ ଯବାନମାନେ ଗତକାଲି ଜାମ୍ମୁକାଶ୍ମୀର ବାରମୂଳା ଜିଲ୍ଲା ନିକଟ ନିୟନ୍ତ୍ରଣରେଖାରେ ଅନୁପ୍ରବେଶ ଉଦ୍ୟମ ପଣ୍ଡ କରିବା ସହ ଜଣେ ପାକିସ୍ତାନୀ ସନ୍ତ୍ରାସବାଦୀକୁ ନିପାତ କରିବାରେ ସଫଳ ହୋଇଛନ୍ତି । ଯବାନ ଦଳ ଉରୀ ସେକ୍ଟରରେ ପେଟ୍ରୋଲିଂ କରୁଥିବା ବେଳେ ଆନ୍ତର୍ଜାତିକ ସୀମାରେ ସନ୍ଦେହଜନକ ଅବସ୍ଥାରେ ଜଣେ ବୁଲୁଥିବା ଲକ୍ଷ୍ୟ କରିଥିଲେ । ଅନୁପ୍ରବେଶ ନିର୍ଦ୍ଦେଶକୁ ଅମାନ୍ୟ କରି ସେ ପ୍ରଥମେ ଗୁଳି ଚଳାଇଥିଲା । ଯବାନମାନଙ୍କ ପାଲଟା କାର୍ଯ୍ୟାନୁଷ୍ଠାନରେ ସନ୍ଦିଗ୍ଧ ସନ୍ତ୍ରାସବାଦୀର ମୃତ୍ୟୁ ଘଟିଛି ।

## ଏସ୍‌ସି-ୟୁପି ମଦରସା

ୟୁପି ବୋର୍ଡ ଅଫ୍ ମଦ୍ରାସା ଏଜୁକେସନ ଆକ୍ଟ ୨୦୦୪କୁ ଅସାମ୍ବିଧାନିକ ଏବଂ ଧର୍ମନିରପେକ୍ଷତାର ଉଲ୍ଲଂଘନ ବୋଲି ଆହ୍ଲାବାଦ ହାଇକୋର୍ଟ ଦେଇଥିବା ରାୟ ଉପରେ ସୁପ୍ରିମକୋର୍ଟ ରହିତାଦେଶ ଜାରି କରିଛନ୍ତି ।

ମୁଖ୍ୟ ବିଚାରପତି ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ତିନି ଜଣିଆ ଖଣ୍ଡପୀଠ ହାଇକୋର୍ଟଙ୍କ ଆଦେଶକୁ ଚ୍ୟାଲେଞ୍ଜ କରି କରାଯାଇଥିବା ଆବେଦନର ଶୁଣାଣି କରି କେନ୍ଦ୍ର ଓ ଉତ୍ତରପ୍ରଦେଶ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ପୂର୍ବରୁ କେନ୍ଦ୍ର ସରକାର ତାଙ୍କ ଆବେଦନରେ ଦର୍ଶାଇଥିଲେ, ଏହି ରାୟ ଭାରତୀୟ ସମ୍ବିଧାନରେ ଥିବା ଧର୍ମନିରପେକ୍ଷତାର ଧାରଣାକୁ ଭୁଲ ଭାବରେ ବ୍ୟାଖ୍ୟା କରିଥାଇପାରେ।

## ୟୁଏନ୍-ପାଲେଷ୍ଟାଇନ୍

ଜାତିସଂଘ ମାନବାଧିକାର ପରିଷଦ ଗାଜାରେ ତୁରନ୍ତ ଅସ୍ତ୍ରବିରତି ଏବଂ ଇସ୍ରାଏଲ୍ ଉପରେ ଅସ୍ତ୍ରଶସ୍ତ୍ର ପ୍ରତିବନ୍ଧକ ଲଗାଇବା ପାଇଁ ଏକ ପ୍ରସ୍ତାବ ଗୃହୀତ କରିଛି । ଏହି ପ୍ରସ୍ତାବରେ ଗାଜା ଉପତ୍ୟକାରେ ସମ୍ଭାବ୍ୟ ଯୁଦ୍ଧ ଅପରାଧ ଏବଂ ମାନବିକତା ବିରୋଧୀ ଅପରାଧ ପାଇଁ ଇସ୍ରାଏଲ୍‌କୁ ଉତ୍ତରଦାୟୀ କରିବାକୁ ମଧ୍ୟ ଆହ୍ୱାନ ଦିଆଯାଇଛି । ଶେଷରେ ଆମେରିକାର ଚାପକୁ ଇସ୍ରାଏଲ୍ ଗ୍ରହଣ କରି ଗାଜାରେ ନୂତନ ଫୁଡ୍ କରିଡର ଖୋଲିଛି । ଜାତିସଂଘର ଏହି ପ୍ରସ୍ତାବ ସପକ୍ଷରେ ୨୮ଟି ଦେଶ ଭୋଟ୍ ଦେଇଥିବା ବେଳେ ଭାରତ ସମେତ ୧୩ଟି ଏବଂ ଆମେରିକା ଓ ଜର୍ମାନୀ ସମେତ ୬ଟି ଦେଶ ଏହି ପ୍ରସ୍ତାବ ବିରୋଧରେ ଭୋଟ ଦେଇଥିଲେ । ଅଧିକୃତ ପାଲେଷ୍ଟାଇନ୍ ଅଞ୍ଚଳରେ ସମ୍ଭାବ୍ୟ ଯୁଦ୍ଧ ଅପରାଧ ଏବଂ ମାନବିକତା ବିରୋଧୀ କାର୍ଯ୍ୟକଳାପ ସମେତ ଗୁରୁତର ମାନବାଧିକାର ଉଲ୍ଲଂଘନ ଓ ଆନ୍ତର୍ଜାତିକ ମାନବିକ ଆଇନର ଗୁରୁତର

ଉଲ୍ଲଂଘନ ରିପୋର୍ଟ ଉପରେ ଏହି ପ୍ରସ୍ତାବରେ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି । ପାଲେଷ୍ଟାଇନ୍‌ବାସୀଙ୍କ ଆତ୍ମନିର୍ଣ୍ଣୟ ଅଧିକାର ଭଳି ଜାତିସଂଘର ଅନ୍ୟାନ୍ୟ ପ୍ରସ୍ତାବ ସପକ୍ଷରେ ଭାରତ ଭୋଟ୍ ଦେଇଥିଲା, ଯାହା ୪୨ଟି ଭୋଟ୍‌ରେ ଗୃହୀତ ହୋଇଥିଲା ।

## ଆଇପିଏଲ୍

ଆଇପିଏଲ୍‌ରେ ଆଜି ରାଜସ୍ଥାନ ରୟାଲ୍‌ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ରାତି ୭ଟା ୩୦ ମିନିଟ୍‌ରେ ମ୍ୟାଚ୍ ଅନୁଷ୍ଠିତ ହେବ । ଏହି ମ୍ୟାଚ୍ ଜୟପୁରର ସୱାଇ ମାନସିଂହ ଷ୍ଟାଡିୟମରେ ଖେଳାଯିବ । ସଞ୍ଜୁ ସାମସଙ୍ଗଙ୍କ ନେତୃତ୍ୱାଧୀନ ରାଜସ୍ଥାନ ଦଳ ୩ଟିଯାକ ମ୍ୟାଚ୍‌ରେ ବିଜୟ ହାସଲ କରିଛି । ଅନ୍ୟପକ୍ଷରେ ବାଙ୍ଗାଲୋର ଦଳ ୪ଟି ମ୍ୟାଚ୍ ଖେଳି ୩ଟିରେ ପରାଜୟ ଓ ଗୋଟିଏରେ ବିଜୟୀ ହୋଇଛି ।

ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସକୁ ସନ୍‌ରାଇଜର୍ସ ହାଇଦ୍ରାବାଦ ୬ ୱିକେଟ୍‌ରେ ପରାସ୍ତ କରିଛି । ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମ ଓପଲ୍‌ରେ ଖେଳାଯାଇଥିବା ଚଳିତ ଆଇପିଏଲ୍‌ର ଅଷ୍ଟାଦଶ ମ୍ୟାଚ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ ପ୍ରଥମେ ବ୍ୟାଟିଂ କରି ୧୬୫ ରନ୍ କରିଥିଲା । ଏହାର ଜବାବରେ ହାଇଦ୍ରାବାଦ ଦଳ ୧୧ଟି ବଲ୍ ବାକିଥାଇ ୪ ୱିକେଟ୍‌ରେ ୧୬୬ ରନ୍ କରି ବିଜୟୀ ହୋଇଥିଲା । ଏହି ବିଜୟ ସହିତ ସନ୍‌ରାଇଜର୍ସ ହାଇଦ୍ରାବାଦ ଦଳ ୪ଟି

ମ୍ୟାଚ୍‌ରୁ ୨ଟିରେ ବିଜୟ ଓ ୨ଟିରେ ପରାଜିତ ହୋଇଛି । ସେହିଭଳି ଚେନ୍ନାଇ ସୁପରକିଙ୍ଗ୍ ଦଳ ୨ଟିରେ ବିଜୟ ଓ ୨ଟିରେ ପରାଜିତ ହୋଇଛି ।